## ସଂକ୍ଷେପରେ

### ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

**ଡାବୁଗାଁ, ୨୧।୯ (ଡି.ଏନ୍.ଏ.):** ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ଜୁନାପାଣି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଡାବୁଗାଁ ବ୍ଲକ ପରିମଳ ମିଶନ ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ପଞ୍ଚାୟତ ଅଫିସ ପରିସରକୁ ସଫା କରାଯାଇଥିଲା। ପରେ ଚାରା ରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଡାବୁଗାଁ ବ୍ଲକ ରିସର୍ଚ୍ଚ କୋଅର୍ଡିନେଟର ମାନସ ମୁଖାର୍ଜୀ, ଜୁନାପାଣି ସରପଞ୍ଚ ଦୟାନିଧି ଭତ୍ରା, ଜୁନାପାଣି ପଞ୍ଚାୟତ ନିର୍ବାହୀ ଅଧିକାରୀ ହଳଧର ଜାନୀ, ମାଷ୍ଟର ଟ୍ରେନର ଧନିରାମ ହରିଜନ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ପ୍ଲାଷ୍ଟିକ ବ୍ୟବହାର ରୋକିବା, ପାଇଖାନା ବ୍ୟବହାର କରିବା ସହ ପରିବେଶକୁ ସ୍ୱଚ୍ଛ ରଖିବା ବାର୍ତ୍ତା ନେଇ ଏକ ରାଲି କରାଯାଇଥିଲା।

### ସାପ କାମୁଡ଼ାରେ ଯୁବକ ମୃତ

**ନାରାୟଣପାଟଣା, ୨୧।୯(ଡି.ଏନ୍.ଏ.):** କୋରାପୁଟ ଜିଲା ନାରାୟଣପାଟଣା ବ୍ଲକ ବାଲିପେଟା ପଞ୍ଚାୟତର ଆରୀ କୁଡ଼ିଆ ଗ୍ରାମର ଅଭି ବାଘଂଶ(୪୫)ଙ୍କ ଏକ ବିଷାକ୍ତ ସାପ କାମୁଡିବାରୁ ମୃତ୍ୟୁ ହୋଇଛି। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଅଭି ଘରେ ଥିବାବେଳେ ଏକ ସାପ ତାଙ୍କୁ କାମୁଡ଼ି ଥିଲା। ପରିବାର ଲୋକେ ଅଟୋରେ ତାଙ୍କୁ ନାରାୟଣପାଟଣା ମେଡିକାଲକୁ ଆଣିଥିଲେ। ସେ ଗୁରୁତର ଥିବାରୁ ଡା. ଚିନ୍ମୟୀ ସାପକାମୁଡା ଇଞ୍ଜେକ୍ସନ ଦେଇ ଅଭିଙ୍କୁ କୋରାପୁଟ ମେଡିକାଲକୁ ପଠାଇଥିଲେ। ନାରାୟଣପାଟଣାରୁ କୋରାପୁଟ ଯିବା ବାଟରେ ଅଭିଙ୍କ ମୃତ୍ୟୁ ହୋଇଥିଲା।

### ୨୦ କେଜି ଗଞ୍ଜେଇ ଜବତ

**ବୈପାରୀଗୁଡା, ୨୧।୯(ଡି.ଏନ୍.ଏ.)** ବୈପାରିଗୁଡ଼ା ପୋଲିସ ଜଣେ ଗଞ୍ଜେଇ ଚାଲାଣକାରୀଙ୍କୁ ଗିରଫ କରି କୋର୍ଟ ପଠାଇଛି। ଅଭିଯୁକ୍ତ ହେଲେ ବୈପାରିଗୁଡ଼ା ଥାନା ଅଧୀନ ପକୁଲପଡା ଗ୍ରାମର ଘାସିରାମ ଖିଲ। ତାଙ୍କ ନିକଟରୁ ପୋଲିସ ୨୦ କେଜି ୩ ଶହ ଗ୍ରାମ ଗଞ୍ଜେଇ ଜବତ କରିଥିବା ଥାନାଧିକାରୀ ଅଶ୍ୱିନ ପଟ୍ଟନାୟକ କହିଛନ୍ତି। ବୈପାରିଗୁଡ଼ା ଥାନା ପୋଲିସ କେସ୍ ନଂ. ୨୧୨/୨୨ରେ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି।

### ରାଇଘର ବ୍ଲକରେ ନୂତନ ବିଡିଓଙ୍କ ଯୋଗଦାନ



**ରାଇଘର,୨୧।୯(ଡି.ଏନ୍.ଏ.):** ନବରଙ୍ଗପୁର ଜିଲା ରାଇଘର ବ୍ଲକରେ ବୁଧବାର ନୂତନ ବିଡିଓ ଭାବେ ଦେବାଶିଷ କର ଯୋଗ ଦେଇଛନ୍ତି। ପୂର୍ବରୁ ରାଇଘର ବ୍ଲକରେ ଅବସ୍ଥାପିତ ଥିବା ଦେବେନ୍ଦ୍ର ବଳଙ୍କୁ ଧର୍ମଶାଳା ବ୍ଲକକୁ ବଦଳି କରାଯାଇଥିଲା। ଏହାପରେ ଏବିଡିଓ ବିଜୟ କୁମାର ସେଠୀ ଦାୟିତ୍ୱରେ ଥିଲେ। ବର୍ତ୍ତମାନ ଦେବାଶିଷ କର ରାୟଗଡ଼ା ଜିଲା କାଶୀପୁର ବ୍ଲକରୁ ଆସି ରାଇଘରରେ କାର୍ଯ୍ୟରେ ଯୋଗ ଦେଇଛନ୍ତି। ବ୍ଲକ ପ୍ରଶାସନ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଛି।

# ନବରଙ୍ଗପୁରରୁ ମୋଟୁ ପର୍ଯ୍ୟନ୍ତ ହେବ ଫୋର୍‌ୱେ ରାସ୍ତା

**ନବରଙ୍ଗପୁର,୨୧।୯(ବି.ପ୍ର.)**



ବୈଠକରେ ଉପସ୍ଥିତ ଜିଲାପାଳ, ଲୋକପ୍ରତିନିଧି, ଅଧିକାରୀମାନେ।

ନବରଙ୍ଗପୁରସ୍ଥିତ ମିଶନ ଶକ୍ତି ସମ୍ମିଳନୀ କକ୍ଷରେ ଜିଲା ଉନ୍ନୟନ ଓ ସମନ୍ୱୟ ମନିଟରିଂ କମିଟି(ଦିଶା) ବୈଠକ ଅନୁଷ୍ଠିତ ହୋଇଯାଇଛି। ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି, ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ଜିଲାପାଳ କମଳଲୋଚନ ମିଶ୍ର, ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ଉପଜିଲାପାଳ ପ୍ରଶାନ୍ତ ରାଉତ, ଜିଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ଉପାଧ୍ୟକ୍ଷା ଲିପିକା ବାରଇ, ନବରଙ୍ଗପୁର ପୌରାଧ୍ୟକ୍ଷ କୁନୁ ନାୟକ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ମୁଖ୍ୟ ନିର୍ବାହୀ ଅଧିକାରୀ ରତ୍ନାକର ସାହୁ, ଜିଲା ପରିଷଦ ସଭ୍ୟା ସଭ୍ୟ, ଜିଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

ଉମରକୋଟରେ ବ୍ଲଡ୍ ବ୍ୟାଙ୍କ ପ୍ରତିଷ୍ଠା ଦାବି ହୋଇଥିଲା। ଚନ୍ଦାହାଣ୍ଡି ବ୍ଲକ ପାଇଁ ଆଉ ଏକ ୧୦୮ ଆମ୍ବୁଲାନ୍ସ ଆବଶ୍ୟକ ଥିବା ସଭ୍ୟ ପ୍ରମୋଦ ପାଢ଼ୀ କହିଥିଲେ। ଜରୁରୀ ସମୟରେ ୧୦୮ ଓ ୧୦୨ ଆମ୍ବୁଲାନ୍ସ ପହଞ୍ଚୁ ନ ଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ୩ଟି ଆମ୍ବୁଲାନ୍ସ ପାଇଁ ଟଙ୍କା ଦେଇଥିଲେ ମଧ୍ୟ କିଣାଯାଇ ପାରିନାହିଁ ବୋଲି ଉମରକୋଟ ବିଧାୟକ କହିଥିଲେ। ନବରଙ୍ଗପୁର ବିଧାୟକ ଥିବା ସମୟରେ ମହାପ୍ରୟାଣ ଗାଡ଼ି ପାଇଁ ଟଙ୍କା ଦେଇଥିଲେ ମଧ୍ୟ ତାହା କିଣାଯାଇ ନାହିଁ ବୋଲି ଡାବୁଗାଁ ବିଧାୟକ କହିଥିଲେ। ଜିଲାରେ ଭାରତମାଳା ରାଜପଥ କାମ ନିମ୍ନମାନର ଚାଲିଥିବା ଅଭିଯୋଗ ପରେ ଏକ କମିଟି କରାଯାଇ ଏହାର ତଦାରଖ ହେବ ବୋଲି ଅଧ୍ୟକ୍ଷ ତଥା ଏମ୍‌ପି ମାଝି କହିଥିଲେ। ନବରଙ୍ଗପୁର ଜିଲାରେ ୨୦ଟି କ୍ରସିଂ ରହିବ। ୭ଟି ସ୍ଥାନରେ ୭.୫ ମିଟର ଓ ଅନ୍ୟ ୧୫ଟି ସ୍ଥାନରେ ୪ ମିଟର ଉଚ୍ଚତା ରଖାଯିବାକୁ ଡିଜାଇନ ହୋଇଛି। ୪ ମିଟର ପରିବର୍ତ୍ତେ ତାହାକୁ ୫ ମିଟର ଉଚ୍ଚତା ରଖିବାକୁ ଡିଜାଇନର ଓ ଇଞ୍ଜିନିୟରଙ୍କ ସହ ଜିଲାପାଳ ଆଲୋଚନା କରିଥିବା କହିଥିଲେ। ଘର, ସ୍କୁଲ, ମନ୍ଦିରର କ୍ଷତି ଘଟିଲେ ଭାରତମାଳା ପ୍ରକଳ୍ପ ପକ୍ଷରୁ କ୍ଷତିପୂରଣ ମିଳିବ। ଆମ୍ବପାଣିରୁ ନବରଙ୍ଗପୁର ଦେଇ ଜୟପୁର, ମାଲକାନଗିରି, ମୋଟୁ ପର୍ଯ୍ୟନ୍ତ ଫୋର୍‌ୱେ ରାସ୍ତା ହେବ।

ଇନ୍ଦ୍ରାବତୀ ପୋଲ ଉପରୁ କଂକ୍ରିଟ ଉଠି ନଷ୍ଟହେବାରେ ଲାଗୁଛି। ଏହାର ମରାମତି ଦାବି ହୋଇଥିଲା। ଅକ୍ଟୋବରରେ କାମ ହେବ ବୋଲି ଜାତୀୟ ରାଜପଥ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ୯.୫ କିଲୋମିଟର ବିଶିଷ୍ଟ ନବରଙ୍ଗପୁର ବାଇପାସ୍ ରାସ୍ତା ପାଇଁ ସର୍ଭେ ସରିଛି। ଏଥିପାଇଁ ୭୨ କୋଟି ଟଙ୍କା ବ୍ୟୟ ହେବ। ଜମିହରାଙ୍କୁ କ୍ଷତିପୂରଣ ଦେବାକୁ ଡିପିଆର୍ ପ୍ରସ୍ତୁତ ହେଉଥିବା ବିଭାଗୀୟ ନିର୍ବାହୀ ଯନ୍ତ୍ରୀ କହିଥିଲେ। ଜୟପୁର-ନବରଙ୍ଗପୁର ରେଳଲାଇନ ପାଇଁ ଜମି ଅଧିଗ୍ରହଣ କାର୍ଯ୍ୟ ଆରମ୍ଭ ହେବ। ଜିଲାର ନବରଙ୍ଗପୁର, ନୂଆଗଡ଼, ସିନ୍ଧିଗୁଡ଼ା, ଗାଦବାଗୁଡ଼ା ଓ କେସିରିଗୁଡ଼ା ଦେଇ ୫ କି.ମି. ରେଳପଥ ହେବ। ଇନ୍ଦ୍ରାବତୀ ନଦୀ ଉପରେ ରେଳ ଲାଇନ ପାଇଁ ପୋଲ ନିର୍ମାଣ ହେବ। ଜିଲାରେ ଘରୋଇ କମ୍ପାନୀ ଦ୍ୱାରା ୧୭ ଟାୱାର ତିଆରି ପ୍ରସ୍ତାବ ରହିଛି। ବିଏସ୍‌ଏନ୍‌ଏଲ୍ ପକ୍ଷରୁ ୧୦ଟି ଟାୱାର ପାଇଁ ସର୍ଭେ କରି ସରକାରଙ୍କୁ ରିପୋର୍ଟ ପଠାଯାଇଛି। ଓଡ଼ିଶାରେ କେନ୍ଦ୍ର ମନ୍ତ୍ରୀ ଥାଇ ମଧ୍ୟ ଜିଲାରେ ୪ଜି ମୋବାଇଲ ସେବା ଆରମ୍ଭ ହୋଇପାରୁନାହିଁ ବୋଲି ଏମ୍‌ପି କହିଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀଙ୍କ ଘର ସମ୍ପୂର୍ଣ୍ଣ ହୋଇପାରୁନାହିଁ। ଯେଉଁ ଘର ସମ୍ପୂର୍ଣ୍ଣ ହୋଇଛି ସେଥିରେ ୯୫ ଶ୍ରମ ଦିବସର ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅନୁଦାନ ପାଉ ନ ଥିବା ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ପୋକରା ଚାଉଳରେ ମଧ୍ୟାହ୍ନଭୋଜନରେ ରୋଷେଇ ହେଉଛି। ଏ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିଇଓ ପ୍ରଦୀପ ନାଗ କହିଥିଲେ। ଜିଲାର ୧୦ ପଞ୍ଚାୟତରେ ଏଯାଏ ହାଇସ୍କୁଲ ନ ଥିବା ବୈଠକରେ ଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା। ଏସବୁର ଅଗ୍ରଗତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହାଛଡ଼ା ଅନ୍ୟ ବିଭାଗ ଅଗ୍ରଗତି ଉପରେ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା।

### କୁତ୍ରା ମାଂସ ସହ ୨ ଶିକାରୀ ଗିରଫ

**ଝରିଗାଁ, ୨୧।୯(ସ୍ୱ.ପ୍ର.)** ଝରିଗାଁ ରେଞ୍ଜ ସଂରକ୍ଷିତ ଜଙ୍ଗଲ ଦେଇ ଯାଉଥିବା କେତେଜଣ ଶିକାରୀଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ଗାଇବନ୍ଧା ଗ୍ରାମର ଲଛମନ ଜାନୀ(୨୮) ଏବଂ ମାନସିଂ ଜାନୀ(୨୦)। ଏଥିସହ ପୋଲିସ ୩ଟି ବାଇକ୍ (ଓଡି-୦୮ଏ ୨୮୩୩) (ଓଡି-୨୪ ଏଫ୍-୧୩୨୫) ଓ (ସିଜି-୨୩ଏଫ୍-୫୭୯୫) ସହ ଗୋଟିଏ ମୋବାଇଲ ଜବତ କରିଛି। ଝରିଗାଁ ରେଞ୍ଜ ବାହାରକରମରି ବିଟ୍‌ରେ ମଙ୍ଗଳବାରରାତିରେ ଝରିଗାଁ ରେଞ୍ଜର ମୁକୁନ୍ଦ ଦିଶାରୀ, ଫରେଷ୍ଟର ଗୁପ୍ତ ପ୍ରସାଦ ମହାନ୍ତି ଏବଂ ଗାର୍ଡ ଏନ୍. ବାବାଜୀ ରାଓ ପାଟ୍ରୋଲିଂ କରିବାବେଳେ ଡାହିମାଲ ଦେଇ ୩ଟି ବାଇକରେ ୬ଜଣ ଆସୁଥିବା ଦେଖି ସେମାନେ ଅଟକାଇଥିଲେ। ଅନ୍ଧାରର ସୁଯୋଗ ନେଇ ୪ଜଣ ଫେରାର ହୋଇଯାଇଥିବା ବେଳେ ୨ଜଣଙ୍କୁ ଅଟକ ରଖି ପଚରାଉଚରା କରାଯାଇଥିଲା। ସେମାନଙ୍କ ପାଖରୁ କୁତୁରା ମାଂସ ମିଳିଥିଲା।

### କଳାଗୁଡାରେ ଅବକାରୀ ଚଢ଼ାଉ

**ଜୟପୁର, ୨୧।୯ (ନି.ପ୍ର.)** କଳାଗୁଡା ଜଙ୍ଗଲରେ ଜୟପୁର ଓ ବୌପାରିଗୁଡା ଅବକାରୀ ବିଭାଗ, ଜୟପୁର ସଦର ପୋଲିସର ମିଳିତ ଚଢାଉ କରାଯାଇଛି। ଚଢାଉ ସୂଚନା ପାଇ ମଦ ବେପାରୀ ଚମ୍ପଟ ମାରିଛନ୍ତି। ଘଟଣାସ୍ଥଳରୁ ପୋଚ ଓ ଦେଶୀ ମଦ ସହ ମଦରନ୍ଧା ସରଞ୍ଜାମ, ଡ୍ରମ ଆଦିକୁ ଜବତ କରିଛି।

## ‘କର୍ତ୍ତବ୍ୟପଥ’ରେ ନୃତ୍ୟାଙ୍ଗନା ଚନ୍ଦନାଙ୍କ ଓଡ଼ିଶୀନୃତ୍ୟ

**ଜୟପୁର, ୨୧।୯(ନି ପ୍ର)**



ଦିଲ୍ଲୀ କର୍ତ୍ତବ୍ୟପଥରେ କେନ୍ଦ୍ର ସୂଚନା ପ୍ରସାରଣ ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଖ୍ୟାତ ଆନ୍ତର୍ଜାତିକ ଓଡ଼ିଶୀ ନୃତ୍ୟାଙ୍ଗନା ତଥା ଜୟପୁର ଝିଅ ଡ. ଚନ୍ଦନା ରାଉଳ ନବ ଦୁର୍ଗା ଓଡ଼ିଶୀନୃତ୍ୟ ପରିବେଷଣ କରିଛନ୍ତି। ଏହାପରେ ସେ ରବୀନ୍ଦ୍ରନାଥ ଟାଗୋରଙ୍କ ରଚିତ ସଙ୍ଗୀତ ଉପରେ ନୃତ୍ୟ ପରିବେଷଣକରି ପର୍ଯ୍ୟଟକମାନଙ୍କୁ ବାନ୍ଧି ରଖିଥିଲେ। କାର୍ଯ୍ୟକ୍ରମରେ ସୂଚନା ପ୍ରସାରଣ ମନ୍ତ୍ରଣାଳୟର ଉଚ୍ଚ ପଦାଧିକାରୀ ଓ ଦେଶ ବିଦେଶରୁ ବହୁ ସଂଖ୍ୟାରେ ପର୍ଯ୍ୟଟକମାନେ ଯୋଗଦେଇଥିଲେ। ଅତିଥି ଓ ଦର୍ଶକ ଡ. ଚନ୍ଦନା ରାଉଳଙ୍କ ନୃତ୍ୟଙ୍କୁ ଭୂରି ଭୂରି ପ୍ରଶଂସା କରିଥିଲେ। ଭାରତୀୟ ତଥା ଓଡ଼ିଆ କଳା ସଂସ୍କୃତି, କେତେ ଯେ ମହାନ୍ ଏବଂ ସେଥିରେ କେତେ ମାଧୁର୍ଯ୍ୟ ଭରି ରହିଛି ତାହା ଚନ୍ଦନାଙ୍କ ନୃତ୍ୟରୁ ସ୍ପଷ୍ଟ ବାରି ହୋଇପଡୁଛି ବୋଲି ପର୍ଯ୍ୟଟକ ମତବ୍ୟକ୍ତ କରିଥିଲେ। ଦିଲ୍ଲୀ ରାଜପଥକୁ କର୍ତ୍ତବ୍ୟପଥ ନାମରେ ନାମିତ କରାଯାଇଛି। ଏହି କର୍ତ୍ତବ୍ୟପଥରେ ଓଡ଼ିଶୀ ନୃତ୍ୟ ପରିବେଷଣ ଓ ଭାରତମାତାଙ୍କ ବନ୍ଦନା କରିବାର ସୁଯୋଗ ମିଳିଥିବାରୁ ନିଜକୁ ଧନ୍ୟ ମନେକରୁଛନ୍ତି ବୋଲି ଚନ୍ଦନା କହିଛନ୍ତି। ଏହିଦିନ ତାଙ୍କ ପାଇଁ ଅବିସ୍ମରଣୀୟ ହୋଇ ରହିବ ବୋଲି ସେ କହିଛନ୍ତି। ପ୍ରକାଶ ଯେ, ଚନ୍ଦନା ହେଉଛନ୍ତି କୋରାପୁଟ ଜିଲା ଜୟପୁର ନିବାସୀ ବିଲ୍‌ଡର ରଘୁନାଥ ରାଉଳଙ୍କ ଝିଅ। ବରିଷ୍ଠ ବିଜେଡି ନେତା ତଥା ସମବାୟବିତ୍ ରମାକାନ୍ତ ରାଉଳ ଏବଂ କୋରାପୁଟ ଜିଲାରେ କାର୍ଯ୍ୟରତ ଜଣେ ଖବରଦାତାଙ୍କ ସାନଭଉଣୀ। ଚନ୍ଦନା କୋରାପୁଟର ଝିଅ ହୋଇଥିବାରୁ ତାଙ୍କର ଏହି କୃତିତ୍ୱ ପାଇଁ ଜିଲାବାସୀ ଗର୍ବିତ। ସୂଚନାନୁଯାୟୀ, କର୍ତ୍ତବ୍ୟପଥରେ ଚାଲିଥିବା ଏହି କାର୍ଯ୍ୟକ୍ରମ ସେପ୍ଟେମ୍ବର ୧୨ରୁ ଆରମ୍ଭ ହୋଇଛି। ଏହା ଅକ୍ଟୋବର ୨ ତାରିଖରେ ଶେଷ ହେବ।

## ନିର୍ବାଚନରେ ନେତାଙ୍କଠାରୁ କର୍ମୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ



ବୈଠକରେ ଉପସ୍ଥିତ କଂଗ୍ରେସ ନେତା ଓ ଅନ୍ୟମାନେ।

**ଉମରକୋଟ, ୨୧।୯(ସ୍ୱ.ପ୍ର.)**

ଉମରକୋଟ କଂଗ୍ରେସ ଭବନରେ ଦଳୀୟ କର୍ମୀଙ୍କୁ ନେଇ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ମୁଖ୍ୟ ଅତିଥିଭାବେ ଅଖିଳ ଭାରତୀୟ କଂଗ୍ରେସ କମିଟି ପୂର୍ବତନ ସମ୍ପାଦକ ବିଶ୍ୱରଞ୍ଜନ ମହାନ୍ତି ଯୋଗଦେଇଥିଲେ। ପ୍ରଦେଶ କଂଗ୍ରେସ କମିଟି ସମ୍ପାଦକ ବିପ୍ଳବ ଚୌଧୁରୀ, କଳାହାଣ୍ଡି ଜିଲା ସଭାପତି ସାଉଲ ମଙ୍ଗରାଜ, ଜୁନାଗଡ଼ର ପ୍ରଭାତ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। କର୍ମୀଙ୍କୁ ଉତ୍ସାହିତ କରି ଲୋକଙ୍କ ନିକଟତର କରେଇବା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୋଲି ଅତିଥିମାନେ କହିଥିଲେ। କଂଗ୍ରେସ ଏକ ବିଶାଳ ସମୁଦ୍ର। ଅନେକ ପୁରୁଣା ନେତା ଦଳ ଛାଡ଼ିବା ଭିତରେ ଏବେ ସନରାଜ ଗଣ୍ଡଙ୍କ ଭଳି ଜଣେ ଟାଣୁଆ ନେତାଙ୍କୁ ପାଇଛୁ ବୋଲି ଅତିଥିମାନେ କହିଥିଲେ। ନିର୍ବାଚନରେ ନେତାଙ୍କ ଭୂମିକାଠାରୁ କର୍ମୀଙ୍କ ଭୂମିକା ଅଧିକ ଗୁରୁତ୍ୱ ବହନକରେ। ତେଣୁ ଲୋକଙ୍କ ସମସ୍ୟାକୁ ଧ୍ୟାନଦେଇ କାମ କରନ୍ତୁ ବୋଲି ଅତିଥିମାନେ କର୍ମୀଙ୍କୁ ଆହ୍ୱାନ ଦେଇ କହିଛନ୍ତି। ପ୍ରତ୍ୟେକ କର୍ମୀ ପକେଟ ମିଟିଂ କରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶୋଷଣ ନୀତିକୁ ଲୋକଙ୍କ ସମ୍ମୁଖକୁ ଆଣନ୍ତୁ। ନିଜ ଅଞ୍ଚଳର ସମସ୍ୟାକୁ ନେଇ ପ୍ରଶାସନ ନିକଟରେ ରଖନ୍ତୁ ଯାହାକି ଆଗାମୀ ନିର୍ବାଚନରେ ସଞ୍ଜୀବନୀ ଭଳି କାମ କରିବ ବୋଲି କର୍ମୀଙ୍କୁ ବୁଝାଇଥିଲେ ଅତିଥି। ପିସିସି ସଭାପତିଙ୍କ ନେତୃତ୍ୱରେ ଆଗାମୀ ନିର୍ବାଚନରେ ଦଳ କିପରି ସରକାର ଗଠନ କରିବ ସମସ୍ତ କର୍ମୀ ସେ ଦିଗରେ ଧ୍ୟାନଦେଇ କାମ କରିବେ ବୋଲି କହିଛନ୍ତି ପୂର୍ବତନ ସମ୍ପାଦକ ମହାନ୍ତି। କାର୍ଯ୍ୟକ୍ରମରେ ପିସିସି ସମ୍ପାଦକ କ୍ଷେମରାଜ ବାଘ, ନଗର ସଭାପତି ଟୁଲୁ ସାହୁ, ଜିଲା ଯୁବକଂଗ୍ରେସ ସଭାପତି ଦ୍ୱାରିକା ମହାପାତ୍ର, ଯୁବନେତା କୁମୁଦ ଭାଇ, ଏସ୍.ବିଜୟ, ଅଜୟ ଚୌହାନ, ଉସ୍‌ମାନ ଲାଠିଆ, ସୁରେନ୍ଦ୍ର ନାୟକ, ପର୍ଶୁ ଭାଇ ପ୍ରମୁଖ କର୍ମୀ ଯୋଗଦେଇଥିଲେ। ଜିଲା ସାଧାରଣ ସମ୍ପାଦକ ବାବୁଲା ପଟ୍ଟନାୟକ ସଭା ପରିଚାଳନା କରିଥିଲେ।

## ଛତିଶଗଡ଼ ଚାଷୀ ବୁଲିଲେ ଜଳ ଛାୟା ପ୍ରକଳ୍ପ ଅଞ୍ଚଳ

**କୋରାପୁଟ, ୨୧।୯(ସ୍ୱ.ପ୍ର.)**




ଶିବିରରେ ଭାଗ ନେଇଥିବା ଚାଷୀ ଓ ଅନ୍ୟମାନେ।

କୋରାପୁଟ ଜିଲା ସୁନାବେଡାସ୍ଥିତ ଭାରତୀୟ ମୃର୍ତ୍ତିକା ଓ ଜଳ ସଂରକ୍ଷଣ କେନ୍ଦ୍ର ଅନୁକୂଲ୍ୟରେ ଜଳ ବିଭାଜିକା ପରିଚାଳନା ସମ୍ପର୍କିତ ୩ ଦିନିଆ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ଭାରତୀୟ ମୃର୍ତ୍ତିକା ଓ ଜଳ ସଂରକ୍ଷଣ କେନ୍ଦ୍ରର ଅଧ୍ୟକ୍ଷ ଡଃ ଏଚ ଗୌଡ଼ା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଜଳ ବିଭାଜିକାର ସଫଳ ରୂପାୟନ, ଏହାର ପରିଚାଳନା ଏବଂ ଏହାର ଆବଶ୍ୟକୀୟ ଉପରେ ବିସ୍ତୃତ ଭାବେ ବୁଝାଇ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡଃ ରାଜେଶ ବିଷୋୟୀ, ଡଃ ଜ୍ୟୋତିପ୍ରଭା ଦାସ, ଡଃ ଜ୍ୟୋତିମୟୀ ଲେଙ୍କା ପ୍ରମୁଖ ଯୋଗଦେଇ ଜଳ ବିଭାଜିକା ପରିଚାଳନା ଏବଂ କେନ୍ଦ୍ରର ବିଭିନ୍ନ ଗବେଷଣାତ୍ମକ କାର୍ଯ୍ୟକ୍ରମ ଉପରେ ସୂଚନା ଦେଇଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ଛତିଶଗଡ ରାଜ୍ୟର କାଙ୍କେର ଜିଲାର ୭୦ ଜଣ ଅଗ୍ରଣୀ ଚାଷୀ କେନ୍ଦ୍ର ଦ୍ୱାରା ନିର୍ମିତ ଏବଂ ଗୋଲକ ବିହାରୀ ନାୟକ ଓ ଜି ଡବଞ୍ଚୁ ବାଲାଙ୍କ ଦ୍ୱାରା ପରିଚାଳିତ ଜଳ ଛାୟା ପ୍ରକଳ୍ପ ଅଞ୍ଚଳ ପରିଦର୍ଶନ କରିଥିଲେ।

## ବୁଥ୍ ଲୋକେଶନ ପରିବର୍ତ୍ତନ ନେଇ ଜିଲାସ୍ତରୀୟ ବୈଠକ



ବୈଠକରେ କୋରାପୁଟ ଜିଲାପାଳ, ଲୋକ ପ୍ରତିନିଧି ଓ ଅଧିକାରୀମାନେ।

**କୋରାପୁଟ,୨୧।୯(ସ୍ୱ.ପ୍ର.)**

କୋରାପୁଟସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟରେ ଥିବା ସଭାଗୃହରେ ବୁଧବାରେ ଜିଲା ନିର୍ବାଚନ ବିଭାଗ ପକ୍ଷରୁ ବୁଥ୍ ଓ ବୁଥ୍ ଲୋକେଶନ ପରିବର୍ତ୍ତନ ନେଇ ଜିଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। କୋରାପୁଟ ଜିଲାପାଳ ଅବ୍‌ଦାଲ ଏମ୍. ଅଖତାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଅତିରିକ୍ତ ଜିଲାପାଳ ରାମେଶ୍ୱର ପ୍ରଧାନ, ରାଜେନ୍ଦ୍ର ମାଝି , କୋରାପୁଟ ଓ ଜୟପୁର ଉପଜିଲାପାଳ, କୋରାପୁଟ ବିଧାୟକ ରଘୁରାମ ପଡାଲ , କଂଗ୍ରେସ ପକ୍ଷରୁ ପୂର୍ବତନ ପୌରାଧ୍ୟକ୍ଷ ଭଗବାନ ବାହିନୀପତିଙ୍କ ସମେତ ଭାଜପା, ବିଭିନ୍ନ ଦଳର ପ୍ରତିନିଧି, ଜିଲାସ୍ତରୀୟ ଅଧିକାରୀ, ସମସ୍ତ ବିଡିଓ ଏବଂ ୪ ପୌରାଞ୍ଚଳର ନିର୍ବାହୀ ଅଧିକାରୀ ଉପସ୍ଥିତ ଥିଲେ। ଜିଲାର ସମୁଦାୟ ୧୧୪୧ଟି ବୁଥ୍‌ରୁ ୩୯୭ ବୁଥ୍‌ର ନାମ, ୧୧ଟି ବୁଥ୍‌ର ଲୋକେଶନ ପରିବର୍ତ୍ତନ କରାଯିବା ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ଏଥିନେଇ ଉପସ୍ଥିତ ବିଭିନ୍ନ ଦଳର ପ୍ରତିନିଧିମାନେ ସେମାନଙ୍କ ମତ ରଖିଥିଲେ। ଜିଲା ନିର୍ବାଚନ ଅଧିକାରୀ ମୋନାଲିସା ଦେବତା ବୈଠକକୁ ପରିଚାଳନା କରିଥିଲେ।

## ଭଙ୍ଗାଘରେ ବିତୁଛି ଜୀବନ, ମିଳୁଛି କମ୍ ପିଡିଏସ୍ ଚାଉଳ

**ଚନ୍ଦାହାଣ୍ଡି, ୨୧।୯(ଡି.ଏନ୍.ଏ.)**



ନିଜ ଭଙ୍ଗା ଘର ଆଗରେ ୨ ଝିଅଙ୍କ ସହ ଗୋମତି।

ବୟସ ୬୦। ପରିଣତ ବୟସରେ ୪ ଝିଅଙ୍କ ସହ ଏକ ଭଙ୍ଗାଘରେ କଟୁଛି ଜୀବନ। ବିଜୁ ପକ୍କାଘର କିମ୍ବା ପ୍ରଧାନମନ୍ତ୍ରୀ ଆବାସ ଘର ପାଇଁ ବାରମ୍ବାର ପଲ୍ଲିସଭା ଏବଂ ଗ୍ରାମ ସଭାରେ ଆବେଦନ କରି ଆସୁଥିଲେ ମଧ୍ୟ କେହି ଶୁଣୁନାହାନ୍ତି। ଏ ଦିଗରେ ଜିଲା ପ୍ରଶାସନ ତୁରନ୍ତ ଦୃଷ୍ଟିଦେଇ ପଦକ୍ଷେପ ନେବାକୁ ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଜମାଦାରପଡ଼ା ପଞ୍ଚାୟତ ଅଧୀନ ଲାଙ୍ଗପଡ଼ା ଗ୍ରାମର ଗୋମତୀ ସୁନା କୋହଭରା କଣ୍ଠରେ ଦାବି କରିଛନ୍ତି।

ଗୋମତୀଙ୍କର ଜମିବାଡି କିଛି ନାହିଁ। ଦିନ ଥିଲା ସ୍ୱାମୀ ସୁଦ୍ରନ ସୁନାଙ୍କ ସହ କୁଲି ମଜୁରି କରି ୭ ଝିଅଙ୍କ ସହ ହସଖୁସିରେ ଜୀବନ ବିତାଉଥିଲେ। ପୁଅ ନ ଥାଇ ମଧ୍ୟ ସେମାନେ ଭାଙ୍ଗିପଡି ନ ଥିଲେ। ଝିଅମାନଙ୍କୁ ପୁଅଙ୍କ ଭଳି ସ୍ନେହ ଦେଇ ଲାଳନପାଳନ କରିଥିଲେ। ଘର ଆର୍ଥିକ ଅବସ୍ଥା ଭଲ ନ ଥିବାରୁ ପିଲାମାନଙ୍କୁ ପାଠ ପଢ଼ାଇ ନ ପାରିଲେ ସୁଦ୍ଧା ୩ ଝିଅଙ୍କୁ ବାହାକରି ଦେଇଥିଲେ। ଏହା ମଧ୍ୟରେ ୨୨ବର୍ଷ ତଳେ ସୁଦ୍ରନଙ୍କ ମୃତ୍ୟୁ ହୋଇଯାଇଥିଲା। ୪ ଝିଅଙ୍କ ସମସ୍ତ ଦାୟିତ୍ୱ ପଡିଥିଲା ଗୋମତୀଙ୍କ ଉପରେ। ବର୍ତ୍ତମାନ ୩ ଜଣ ଝିଅ ବିବାହଯୋଗ୍ୟ। ସାନଝିଅ ହାରମନୀ ସୁନା ଗାଁ ସ୍କୁଲରେ ପଢୁଛନ୍ତି। ଏବେ ସେମାନେ ପୁରୁଣାକାଳିଆ ବିପଦସଙ୍କୁଳ ବଖରାଏ ଭଙ୍ଗାଘରେ ଜୀବନ ବିତାଉଛନ୍ତି। ଲଗାଣବର୍ଷା ହେଲେ ରାତି ସାରା ଅନିଦ୍ରା ରହି ମା' ଓ ଝିଅମାନେ ଘରେ ପଶୁଥିବା ପାଣିକୁ ବାହାର କରୁଥିବା ଗୋମତୀ କହିଛନ୍ତି। ଆବାସ ଘର ଖଣ୍ଡେ ପାଇଁ ବାରମ୍ବାର ପଞ୍ଚାୟତରୁ ବ୍ଲକ ପର୍ଯ୍ୟନ୍ତ ଗୁହାରି କଲେ ମଧ୍ୟ କେହି ତାଙ୍କ କଥା ଶୁଣୁ ନ ଥିବା ସେ ପ୍ରକାଶ କରିଛନ୍ତି। ସରକାରୀ ସାହାଯ୍ୟ କହିଲେ ଗୋମତୀଙ୍କୁ ବିଧବା ଭତ୍ତା ଏବଂ ତାଙ୍କର ଜଣେ ଝିଅଙ୍କୁ ଦିବ୍ୟାଙ୍ଗ ଭତ୍ତା ମିଳୁଛି। ପରିବାର ସଦସ୍ୟ ପିଛା ୫ କେଜି ଲେଖାଏ ପିଡିଏସ୍ ଚାଉଳ ମିଳିବା କଥା। ସେମାନଙ୍କୁ କିନ୍ତୁ ସମୁଦାୟ ୨୦କେଜି ଚାଉଳ ମିଳୁଛି। ଏଥିପାଇଁ ବ୍ଲକ କାର୍ଯ୍ୟାଳୟକୁ ବାରମ୍ବାର ଦୌଡିଥିଲେ ମଧ୍ୟ କିଛି ଲାଭ ମିଳି ନ ଥିବା ସେ ପ୍ରକାଶ କରିଛନ୍ତି । ଏ ସମ୍ପର୍କରେ ଚନ୍ଦାହାଣ୍ଡି ବିଡିଓ ଧର୍ମରାଜ ମାଝିଙ୍କୁ ପଚାରିବାରୁ ଜମାଦାରପଡ଼ା ପିଇଓଙ୍କୁ ଏହାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେବେ। ରିପୋର୍ଟ ଦେବା ପରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ସେ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ପ୍ରଶାନ୍ତ କରଙ୍କୁ 'ସାମ୍ବାଦିକ ଗୌରବ' ସମ୍ମାନ



**ପଦ୍ମପୁର,୨୧।୯(ଡି.ଏନ୍.ଏ.):** ରାୟଗଡ଼ା ଜିଲା ପଦ୍ମପୁର ଅଞ୍ଚଳର ଯୁବ ଖବରଦାତା ପ୍ରଶାନ୍ତ କୁମାର କର ପଶ୍ଚିମ ଓଡ଼ିଶାର ବରଗଡ଼ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ 'ସାମ୍ବାଦିକ ଗୌରବ' ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଗଣପର୍ବ ନୂଆଁଖାଇ ପାଳନ ଅବସରରେ ବରଗଡ଼ ସ୍ଥିତ ବିଜୁ ପଟ୍ଟନାୟକ ଟାଉନ ହଲ୍‌ଠାରେ ଓଡ଼ିଶା କର୍ମଜୀବୀ ସାମ୍ବାଦିକ ସଂଘ(ଓ୍ୟୁଡବ୍ଲ୍ୟୁଜେ)ର ନବମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଓ୍ୟୁଡବ୍ଲ୍ୟୁଜେର ସଭାପତି ଆଶୁତୋଷ ରଥଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ତଥା ଯୋଜନା ବୋର୍ଡ ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ରୂପେ ପ୍ରଫେସର ଝସକେତନ ପ୍ରଧାନ, ସମ୍ମାନିତ ଅତିଥି ରୂପେ ସମ୍ବଲପୁରୀ ବସ୍ତ୍ରାଳୟରର ସଭାପତି ସମ୍ପିତ ଆଚାର୍ଯ୍ୟ, ବରଗଡ଼ ପୌରାଧ୍ୟକ୍ଷ କଳ୍ପନା ମାଝି, ସାହିତ୍ୟିକ ଦେବେନ୍ଦ୍ର କୁମାର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ସମାଜ ସଂସ୍କାରରେ ଗଣମାଧ୍ୟମର ଭୂମିକା, ଦାୟିତ୍ୱ ଓ କର୍ତ୍ତବ୍ୟ ବିଷୟରେ ଆଲୋଚନା ହୋଇଥିଲା। ଏହି ଉତ୍ସବରେ ଅତିଥିମାନେ ଖବରଦାତା ପ୍ରଶାନ୍ତ କରଙ୍କୁ ସମ୍ମାନିତ କରିଥିଲେ। ଉତ୍ସବରେ ଭାରତୀ କଳା ପରିଷଦ ପକ୍ଷରୁ ଲୋକନୃତ୍ୟ ଗୁରୁ ଶଙ୍କର ପଟ୍ଟନାୟକଙ୍କ ମାର୍ଗଦର୍ଶନରେ କଳାକାରମାନେ ଅଧିଷ୍ଠାତ୍ରୀ ଦେବୀ ମାଁ ସମଲେଶ୍ୱରୀଙ୍କ ଉଦ୍ଦେଶ୍ୟରେ ଆକର୍ଷଣୀୟ ନୃତ୍ୟ ପରିବେଷଣ କରିଥିଲେ।

### ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନକୁ ଗୁରୁତ୍ୱ
#### ଚନ୍ଦ୍ରପୁର ପଞ୍ଚାୟତ ସମିତି ବୈଠକ

**ଚନ୍ଦ୍ରପୁର,୨୧।୯(ଡି.ଏନ୍.ଏ.):** ରାୟଗଡ଼ା ଜିଲା ଚନ୍ଦ୍ରପୁର ପଞ୍ଚାୟତ ସମିତି ବୈଠକ ବୁଧବାର ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଆରମ୍ଭରେ ପୂର୍ବ ବୈଠକର ବିବରଣୀ ପାଠ କରାଯାଇଥିଲା। ବୈଠକରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ସାଧାରଣ ବଣ୍ଟନ ବ୍ୟବସ୍ଥା, ଜଳଯୋଗାଣ ସହ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବିଷୟରେ ଆଲୋଚନା କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ କଇନ କିମ୍ବାକା, ସମ୍ମାନିତ ଅତିଥି ରୂପେ ଜିଲା ପରିଷଦ ସଭ୍ୟ ସୁଜିତ କୁମାର ବ୍ରେଡେକା, ଏମ୍‌ପିଙ୍କ ପ୍ରତିନିଧି ଭୀମ ଗଗେରଙ୍ଗା, ବିଡିଓ ଜର୍ଜ ଡୁଙ୍ଗ୍‌ଡୁଙ୍ଗ୍, ଡବ୍ଲ୍ୟୁଇଓ ତଲୱାର ଜେନା, ଯୋଗାଣ ନିରୀକ୍ଷକ ମାନସ କୁମାର ଜେନାଙ୍କ ସମେତ ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ ଏବଂ ବହୁ କର୍ମଚାରୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ଜିପିଇଓ ପରିଚାଳନା କରିଥିଲେ।

### ଅପହରଣ, ବଳାତ୍କାର: ଯୁବକ ଗିରଫ

**ଜୟପୁର, ୨୧।୯ (ନି.ପ୍ର.):** ନାବାଳିକାଙ୍କୁ ଅପହରଣ, ବଳାତ୍କାର ଅଭିଯୋଗରେ ଜୟପୁର ମହିଳା ପୋଲିସ କୋଟପାଡ ଥାନା ଅଧୀନ କୁସୁମି ଗ୍ରାମର ଚିନୁ ବିଷୋୟୀ (୨୪)ଙ୍କୁ ଗିରଫ କରିଛି। ଚିନୁ ଜଣେ ନାବାଳିକାଙ୍କୁ ଅପହରଣ କରି ବିବାହର ପ୍ରଲୋଭନ ଦେଖାଇ ବଳାତ୍କାର କରିଥିବା ନେଇ ଜୟପୁର ମହିଳା ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଅଭିଯୋଗକୁ ଗୁରୁତର ସହ ନେଇ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। କାକରିଗୁମ୍ମାରୁ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ମହିଳା ଥାନାଧିକାରୀ ମମତା ପାଣିଗ୍ରାହୀ ସୂଚନା ଦେଇଛନ୍ତି।

# ହିତାଧିକାରୀ ଚୟନ କରି ଶୀଘ୍ର ଋଣ ପ୍ରଦାନକୁ ଗୁରୁତ୍ୱ

## ପ୍ରଶାସନ, ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ନେଇ ସମନ୍ୱୟ ବୈଠକ

ମାଲକାନଗିରି,୨୧।୯(ଡି.ଏନ୍.ଏ.)

ମାଲକାନଗିରି ଡିଆର୍‌ଡିଏ ସମ୍ମିଳନୀ କକ୍ଷରେ ବୁଧବାର ଜିଲା ପ୍ରଶାସନ ଓ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ନେଇ ଜିଲାପାଳ ବିଶାଲ ସିଂଙ୍କ ଅଧ୍ୟକ୍ଷତାରେ ଏକ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡିଆର୍‌ଡିଏ ପିଡି ବାଳମୁକୁନ୍ଦ ଭୂୟାଁଙ୍କ ସମେତ ଜିଲାର ସମସ୍ତ ବ୍ୟାଙ୍କର ପରିଚାଳକ ଓ ଅନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ। ବିଶେଷକରି ବ୍ୟାଙ୍କ ଓ ପ୍ରଶାସନ ମଧ୍ୟରେ ସମନ୍ୱୟ ରହିଲେ ଜିଲାରେ ବିଭିନ୍ନ ବର୍ଗର ଲୋକ ସେମାନଙ୍କର ଆର୍ଥିକ ମାନଦଣ୍ଡର ଉନ୍ନତି ପାଇଁ ବ୍ୟାଙ୍କ ଋଣ ଠିକ୍ ସମୟରେ ପାଇବେ ଏବଂ ଉପଯୁକ୍ତ ସମୟରେ ସ୍ୱଳ୍ପ ସୁଧରେ ଋଣ ପରିଶୋଧ କରିବେ। ଏଥିପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାରେ ହିତାଧିକାରୀଙ୍କୁ ଚିହ୍ନଟ କରାଯାଉଛି। ସେମାନେ କିପରି ତୁରନ୍ତ ଋଣ ପାଇବେ ସେ ବିଷୟରେ ଆଲୋଚନା ହୋଇଥିଲା।



ବୈଠକରେ ଡିଆର୍‌ଡିଏ ପିଡି, ବିଭିନ୍ନ ବ୍ୟାଙ୍କର ପରିଚାଳକ ଓ ଅନ୍ୟମାନେ।

ଜିଲାରେ ଅନୁସୂଚିତ ଜାତି, ଜନଜାତି ଓ ସାଧାରଣ ବର୍ଗଙ୍କ ନିମନ୍ତେ ବିଭିନ୍ନ ବ୍ୟବସାୟ, ଶିଳ୍ପ, ପଶୁପାଳନ, ମତ୍ସ୍ୟଚାଷ ଆଦିରେ ସେମାନଙ୍କୁ ରିହାତି ପ୍ରଦାନ ନିମନ୍ତେ ସମ୍ପୃକ୍ତ ବିଭାଗ ପକ୍ଷରୁ ନିୟମ ଥିବାବେଳେ ବିଭିନ୍ନ ବିଭାଗର ଅଧିକାରୀ ହିତାଧିକାରୀଙ୍କୁ ଚୟନ କରି ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଦୃଷ୍ଟିକୁ ନେବା ଏବଂ କିପରି ଶୀଘ୍ର ଋଣ ପାଇବେ ତାହାକୁ ଅଗ୍ରାଧିକାର ଦେବାପାଇଁ ଜିଲାପାଳ ପରାମର୍ଶ ଦେଇଥିଲେ। ଜିଲାର ବିଭିନ୍ନ ବ୍ୟାଙ୍କ କର୍ତ୍ତୃପକ୍ଷ ଏହାକୁ ଗୁରୁତର ସହ ନେଇ ପ୍ରଶାସନକୁ ସହଯୋଗ କରି ତୁରନ୍ତ ହିତାଧିକାରୀଙ୍କୁ ଋଣ ପ୍ରଦାନ ନିମନ୍ତେ ବୈଠକରେ ନିଷ୍ପତ୍ତି ନିଆଯାଇଛି। ପ୍ରକାଶଯୋଗ୍ୟ, ବିଭିନ୍ନ ବିଭାଗର ଖର୍ଚ୍ଚ ପାଇଁ କୋଟି କୋଟି ଟଙ୍କା ମାଲକାନଗିରି ଜିଲାର ବିଭିନ୍ନ ବ୍ୟାଙ୍କରେ ରଖାଯାଇଛି। ହେଲେ ଠିକ୍ ସମୟରେ ଅର୍ଥ ଖର୍ଚ୍ଚ ହୋଇପାରୁ ନ ଥିବା ଯୋଗୁ ଜିଲାର ବିକାଶ ଏବଂ ହିତାଧିକାରୀଙ୍କ ଆର୍ଥିକ ମାନଦଣ୍ଡରେ ବାଧା ସୃଷ୍ଟି ହେଉଥିବା ଆଲୋଚନା ହୋଇଛି।

# ସ୍ୱାଭିମାନ ଅଞ୍ଚଳରେ ବିଜେଡିର ଜରୁରୀ ବୈଠକ

ଚିତ୍ରକୋଣ୍ଡା,୨୧।୯(ଡି.ଏନ୍.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳର ୧୦ ପଞ୍ଚାୟତ ଯଥା ବଡ଼ପଡ଼ା, ରାଲେଗଡ଼ା, ଧୂଳିପୁଟ, ପାପରମେଟେଲା, ଯୋଡ଼ାମ୍ବ, ପଣସପୁଟ, ଯନ୍ତ୍ରୀ, ଗାଜ୍ଜୁଲୁମାମୁଡ଼ି ଓ ଅଣ୍ଡିରାପାଲିରେ ବିଜେଡିର ଏକ ଜରୁରୀ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଦଳୀୟ କର୍ମୀଙ୍କୁ ନେଇ ଅନୁଷ୍ଠିତ ମାସିକ ବୈଠକରେ ୧୦ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ବ୍ଲକ ସଭାପତି, ଚିତ୍ରକୋଣ୍ଡା ବ୍ଲକ ଅଧ୍ୟକ୍ଷା ରାଜେଶ୍ୱରୀ ଖିଲ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ବିଭିନ୍ନ ପ୍ରକାର ଉନ୍ନୟନ କାମ ବିଷୟରେ ଆଲୋଚନା କରାଯାଇଥିଲା। ଏଥିସହ ଆଗକୁ କିଭଳି ସମସ୍ତଙ୍କ ସହଯୋଗରେ କାମ ହୋଇପାରିବ ସେ ନେଇ ଆଲୋଚନା ହୋଇଥିଲା। ରାଲେଗଡ଼ା ସରପଞ୍ଚ କମଲୁ ହନ୍ତାଳଙ୍କ ସମେତ ଜୋନ୍–୨ର ସମସ୍ତ ସରପଞ୍ଚ, ସମିତି ସଭ୍ୟ, ଜୋନ୍ ସଭାପତି ପ୍ରସାଦ ଅନୁପାଲ, ଉପସଭାପତି ରାମଚନ୍ଦ୍ର ଗଲେଲ, ଦଳୀୟ କର୍ମୀ ପିତାମ୍ବର ଖେମୁଡୁ, ସରପଞ୍ଚ ସଭାପତି କମଲୁ ହନ୍ତାଳ, ଉପସଭାପତି ପିଙ୍କି ହନ୍ତାଳ ପ୍ରମୁଖ ଉପସ୍ଥିତ ଥିଲେ।



# ଭୋଟର କାର୍ଡ ସହ ଆଧାର ସଂଯୋଗ କରିବାକୁ ପରାମର୍ଶ

## ଗଡ଼ିଲା ଭୋଟର ସଚେତନତା ରଥ

ରାୟଗଡ଼ା ଅଫିସ,୨୧।୯

ରାୟଗଡ଼ା ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ବୁଧବାର ଭୋଟର ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ଅତିରିକ୍ତ ଜିଲାପାଳ ଧର୍ମାନନ୍ଦ ବେହେରା ଓ ଉପଜିଲାପାଳ ତଥା ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଭୀମସେନ ଶବର ଏହାର ଶୁଭାରମ୍ଭ କରିଥିଲେ। ଡେପୁଟି କଲେକ୍ଟର(ନିର୍ବାଚନ)ନାରାୟଣ ମିଶ୍ର, ରାୟଗଡ଼ା ବିଡିଓ ଲକ୍ଷ୍ମୀନାରାୟଣ ସାବତ, ସହକାରୀ ଜିଲାପାଳ ପୁଷ୍ପାଞ୍ଜଳି ଚୌଧୁରୀ, ଜିଲା ପଞ୍ଚାୟତ ଅଧିକାରୀ ସୂର୍ଯ୍ୟନାରାୟଣ ମହାରଣା, ରାୟଗଡ଼ା ଜିପିଇଓ ଗୋପାଳ ପଣ୍ଡା, ରାୟଗଡ଼ା ପୌରପାଳିକାର ନିର୍ବାଚନ ସହାୟକ ଚନ୍ଦ୍ରଶେଖର ରଥ, ଶିକ୍ଷକ ନୀଳାଞ୍ଚଳ ମିଶ୍ର ଏବଂ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

ପ୍ରଥମ ଦୁଇଦିନ ଏହି ରଥ ରାୟଗଡ଼ା ପୌରପାଳିକାର ପ୍ରତ୍ୟେକ ସାହି ପରିକ୍ରମା କରି ଭୋଟର ନମ୍ବର ସହ ଆଧାର ସଂଯୋଗ ନିମନ୍ତେ ଲୋକଙ୍କୁ ସଚେତନ କରିବ। ପରେ ରାୟଗଡ଼ା ଓ କାଶୀପୁର ବ୍ଲକର ଗ୍ରାମାଞ୍ଚଳରେ ଭୋଟରଙ୍କୁ ସଚେତନ କରିବ। ସହରାଞ୍ଚଳରେ ଆଧାର ସଂଯୋଗୀକରଣ କମ୍ ହୋଇଥିବାରୁ ଏଭଳି ପଦକ୍ଷେପ ନିଆଯାଇଥିବା ଉପଜିଲାପାଳ କହିଛନ୍ତି। ଅତିରିକ୍ତ ଜିଲାପାଳ ନିର୍ଭୁଲ୍ ଭୋଟର ତାଲିକା ପ୍ରସ୍ତୁତ ନିମନ୍ତେ ଅଯୋଗ୍ୟଙ୍କୁ ବାଦ୍ ଦେବା ସହ ନୂତନ ଓ ଯୋଗ୍ୟ ଭୋଟରଙ୍କୁ ପଞ୍ଜୀକରଣ ଓ ସଂଯୋଗୀକରଣ ଆବଶ୍ୟକ ବୋଲି କହିଥିଲେ। ସମସ୍ତ ଭୋଟର ନିଜ ଫୋନ୍‌ରେ ଭୋଟର ହେଲ୍ପଲାଇନ ମାଧ୍ୟମରେ ଭୋଟର କାର୍ଡ ସହ ଆଧାର ସଂଯୋଗ କରିପାରିବେ। ଆବଶ୍ୟକ ସ୍ଥଳେ ବୁଥସ୍ତରୀୟ ଅଧିକାରୀଙ୍କ ମାଧ୍ୟମରେ ମଧ୍ୟ ଏହା ସହଜରେ ହୋଇପାରିବ। ଏଥିନିମନ୍ତେ ସଚେତନତା ରଥ ବିଭିନ୍ନ ପୋଷ୍ଟର, ବ୍ୟାନର, ରଙ୍ଗିନ ବେଲୁନରେ ସଜ୍ଜିତ ହୋଇଥିବା ବେଳେ ଡାକବାଜି ଯନ୍ତ୍ର ମାଧ୍ୟମରେ ଲୋକଙ୍କୁ ସଚେତନ କରିଥିଲା। ଜିଲାରେ ଭୋଟର ନମ୍ବର ସହ ଆଧାର ସଂଯୋଗ ହେବା ଫଳରେ ମିଥ୍ୟା ଏବଂ ଦୋହରା ଭୋଟର ରହିବେ ନାହିଁ। ତେଣୁ ଠିକ୍ ଭୋଟର ତାଲିକା ନିମନ୍ତେ ଜିଲାପାଳ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି।

# ସବ୍ୟସାଚୀ ପଣ୍ଡା ଗୁଣପୁର କୋର୍ଟରେ ହାଜର

## ଦେବେନ୍ଦ୍ର ସାହୁଙ୍କ ଘରଭଙ୍ଗା ମାମଲାରେ ସାକ୍ଷ୍ୟ ଗ୍ରହଣ

ଗୁଣପୁର,୨୧।୯(ଡି.ଏନ୍.ଏ.)

ମାଓବାଦୀ ନେତା ସବ୍ୟସାଚୀ ପଣ୍ଡାଙ୍କୁ ୨୦୦୨ ମସିହାର ଏକ ମାମଲାରେ ବୁଧବାର ଗୁଣପୁର ସବ୍‌ଜଜଙ୍କ କୋର୍ଟରେ ହାଜର କରାଯାଇଛି। ରାୟଗଡ଼ା ଜିଲା ଗୁଡାରୀ ଥାନା ଅନ୍ତର୍ଗତ ନାଇରା ଗ୍ରାମର ଦେବେନ୍ଦ୍ର ସାହୁଙ୍କ ଘର ଭାଙ୍ଗିଦେବା ମାମଲାରେ ତତ୍କାଳୀନ ଗୁଡାରୀ ଥାନା ଅଧିକାରୀ(ତଦନ୍ତକାରୀ ଅଧିକାରୀ) ତଥା ଏବେକାର ଗଜପତି ଜିଲା ଆର୍. ଉଦୟଗିରି ଏସ୍‌ଡିପିଓ ଦିଲୀପ ନାୟକ ସାକ୍ଷ୍ୟ ପ୍ରଦାନ କରିଛନ୍ତି । ମଙ୍ଗଳବାର ଅନ୍ୟ ଏକ ମାମଲାରେ ସବ୍ୟସାଚୀ ନିର୍ଦ୍ଦୋଷରେ ଖଲାସ ହୋଇଥିଲେ।

# ୟୁଥ୍ କ୍ଲବ୍ ଡେଭେଲପମେଣ୍ଟ କ୍ୟାମ୍ପେନ୍ ଉଦ୍‌ଯାପିତ




ଅତିଥିମାନେ ୟୁଥ୍ କ୍ଲବର ସଦସ୍ୟଙ୍କୁ ପୁରସ୍କୃତ କରୁଛନ୍ତି।

ମାଲକାନଗିରି,୨୧।୯(ଡି.ଏନ୍.ଏ.)

କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ ତତ୍ତ୍ୱାବଧାନରେ ମାଲକାନଗିରି ଜିଲାରେ ୧୦୦ରୁ ୟୁଥ୍ କ୍ଲବ ରହିଛି। ଏହି କ୍ଲବ ମାଧ୍ୟମରେ ଜିଲାର ବିଭିନ୍ନ ଅଞ୍ଚଳରେ ୟୁଥ୍ କ୍ଲବ ଡେଭେଲପମେଣ୍ଟ କ୍ୟାମ୍ପେନ୍ ଚାଲିଥିଲା। ଅଗଷ୍ଟରୁ ଚାଲିଥିବା କାର୍ଯ୍ୟକ୍ରମରେ ଯୁବତୀ, ଯୁବକଙ୍କୁ ନେଇ ସ୍ୱାସ୍ଥ୍ୟ ସମସ୍ୟା ଓ ଶିକ୍ଷା ଆଲୋଚନା, ଚାରାରୋପଣ, ଏବଂ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ହୋଇଥିଲା। ବୁଧବାର କୋରୁକୋଣ୍ଡା ବ୍ଲକ ଆପନାମାଲା ମାଁ ମଙ୍ଗଳା ୟୁଥ୍ କ୍ଲବ ପରିସରରେ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଏନ୍‌ୱାଇକେର ଜିଲା ସଂଯୋଜକ ହରିଶ ରୁପାଲ, ଏମ୍. ରାଇଟ ପ୍ରୋଜେକ୍ଟର ପ୍ରଦୋସ ରଞ୍ଜନ, ସମିତି ସଭ୍ୟ ଲଇଛନ ଶିଶା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ପାରିମେଟା ଗ୍ରାମର ମାଁ ମଙ୍ଗଳା ୟୁଥ୍ କ୍ଲବ, ବିବେକାନନ୍ଦ ୟୁଥ୍ କ୍ଲବ୍‌କୁ କ୍ରୀଡ଼ା ସାମଗ୍ରୀ ସହ ମାନପତ୍ର ପ୍ରଦାନ କରାଯାଇଥିଲା।

# ଟେଣ୍ଡର ପ୍ରକ୍ରିୟାରେ ଅନିୟମିତତା ଅଭିଯୋଗ



କଂଗ୍ରେସ ଓ ଭାଜପା କର୍ମୀ ପୌର ନିର୍ବାହୀ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

ମାଲକାନଗିରି,୨୧।୯(ଡି.ଏନ୍.ଏ.)

ମାଲକାନଗିରି ପୌର ପରିଷଦ କାର୍ଯ୍ୟାଳୟରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକୁ ନେଇ ଟେଣ୍ଡର ନୋଟିସ ବାହାରିଥିଲା। ଏହି ପ୍ରକ୍ରିୟା ୧୨ ତାରିଖରେ ଶେଷ ହୋଇଥିଲା। ଏଥିରେ ୪୦୦ ଜଣ ଟେଣ୍ଡର ପାଇଁ ଆବେଦନ କରିଥିଲେ। ତେବେ ଏହି ଟେଣ୍ଡର ପ୍ରକ୍ରିୟାରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ସରକାରଙ୍କ ନିୟମ ଅନୁଯାୟୀ ଟେଣ୍ଡର ପ୍ରକ୍ରିୟା ନିମନ୍ତେ ଆବେଦନକାରୀ ଆବେଦନ କରିବା ପରେ ଶେଷ ତାରିଖ ପୂର୍ବରୁ ଏହାକୁ ବାତିଲ କରିବାର ନିୟମ ରହିଛି। ଏଠାରେ ଟେଣ୍ଡର ପ୍ରକ୍ରିୟାର ଶେଷ ଦିନ ୧୨ ତାରିଖ ରହିଥିବାବେଳେ ଏହାକୁ ୨୦ ତାରିଖରେ ବାତିଲ କରାଯାଇଥିଲା। ଫଳରେ ଆବେଦନକାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏ ବିଷୟରେ କଂଗ୍ରେସ ଓ ଭାଜପା କର୍ମୀ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲାପାଳ ଘଟଣା ବିଷୟରେ ତଦନ୍ତ ନିମନ୍ତେ ଡିଆର୍‌ଡିଏ ପିଡିଙ୍କୁ ନିର୍ଦ୍ଦେଶ ଦେଇଥିଲେ। କଂଗ୍ରେସ ଓ ଭାଜପା କର୍ମୀ ପିଡିଙ୍କ ସହ ମଧ୍ୟ ଆଲୋଚନା କରିଥିଲେ। ଏହାର ତଦନ୍ତ କରାଯିବ ବୋଲି ପିଡି କହିଛନ୍ତି। ଅନ୍ୟପକ୍ଷରେ ଘଟଣା ନେଇ ଦୁଇ ଦଳର କର୍ମୀ ମାଲକାନଗିରି ପୌର ପରିଷଦ ନିର୍ବାହୀ ଅଧିକାରୀ ଅଶୋକ ଚକ୍ରବର୍ତ୍ତିଙ୍କ ସହ ମଧ୍ୟ ଆଲୋଚନା କରିଛନ୍ତି। ଟେଣ୍ଡର ଦାୟିତ୍ୱ ଡିଆର୍‌ଡିଏ ପିଡିଙ୍କୁ ଦିଆଯାଇଛି ବୋଲି ନିର୍ବାହୀ ଅଧିକାରୀ କହିଛନ୍ତି।

# ମାଛ ଧରିବାକୁ ଯାଇ ନଦୀରେ ଜଣେ ନିଖୋଜ

ଚିତ୍ରକୋଣ୍ଡା,୨୧।୯(ଡି.ଏନ୍.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳ ଧୂଳିପୁଟ ପଞ୍ଚାୟତର ଧାକଡ୍ଡୁପାଲି ଗ୍ରାମରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି। ନିକଟସ୍ଥ ଚିକପଣସା ନଦୀକୁ ମାଛ ଧରିବାକୁ ଯାଇ ଗ୍ରାମର ମାସୁରୁ ଖରା(୫୦) ନିଖୋଜ ହୋଇଛନ୍ତି। ସୂଚନା ଅନୁଯାୟୀ, ମାସୁରୁ ମାଛ ମାରିବାକୁ ଯାଇଥିବାବେଳେ ଗୋଡ଼ ଖସିଯିବାରୁ ନଦୀ ସ୍ରୋତରେ ଭାସି ଯାଇଥିଲେ। ପରିବାର ଲୋକ ଓ ଗ୍ରାମବାସୀ ବହୁ ଖୋଜାଖୋଜି କରି ବିଫଳ ହୋଇଥିଲେ। ଖବର ପାଇ ଚିତ୍ରକୋଣ୍ଡା ତହସିଲଦାର ଟି. ପଦ୍ମନାଭ ଦୋରା ଘଟଣାସ୍ଥଳକୁ ଆର୍‌ଆଇ, ପାପରମେଟେଲା ପୋଲିସ ଏବଂ ଅଗ୍ନିଶମ ବାହିନୀକୁ ପଠାଇଥିଲେ। ନଦୀରେ ସ୍ରୋତ ପ୍ରଖର ଥିବାରୁ ଅଗ୍ନିଶମ ଟିମ୍ କାଠଭରା ସାହାଯ୍ୟରେ ଏବଂ ଲାଉତୁମ୍ବା ଅଣ୍ଟାରେ ବାନ୍ଧି ନଦୀରେ ଖୋଜାଖୋଜି କରିଛନ୍ତି। ସନ୍ଧ୍ୟା ସୁଦ୍ଧା ତାଙ୍କ ପତ୍ତା ମିଳି ନ ଥିବା ଜଣାପଡ଼ିଛି।

# ଗୋରୁଙ୍କ ଆଡ୍ଡାସ୍ଥଳୀ ପାଲଟିଛି ଟିକିରି ମୁଖ୍ୟରାସ୍ତା




ଟିକିରି,୨୧।୯(ଡି.ଏନ୍.ଏ.)

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଅନ୍ତର୍ଗତ ଟିକିରି ମୁଖ୍ୟରାସ୍ତା ଗୋରୁଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ରାସ୍ତା ମଝିରେ ଗୋରୁ ଶୋଇବା ସହ ଏଣେତେଣେ ବୁଲୁଥିବାରୁ ଲୋକଙ୍କ ଯାତାୟାତରେ ସମସ୍ୟା ହେଉଛି। ବିଶେଷକରି ସନ୍ଧ୍ୟା ସମୟରେ ଗୋରୁଙ୍କ ଯୋଗୁ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେବା ସହ ଦୁର୍ଘଟଣା ଘଟୁଛି। ଏମିତିକି ଏହି ରାସ୍ତାରେ ଯାଉଥିବା ଆମ୍ବୁଲାନ୍ସ ମଧ୍ୟ ଅନେକ ସମୟରେ ଅଟକିବାକୁ ବାଧ୍ୟ ହେଉଛି। ଏ ନେଇ ପଞ୍ଚାୟତ କର୍ତ୍ତୃପକ୍ଷ ଏବଂ ପୋଲିସ ଅବଗତ ଥିଲେ ମଧ୍ୟ ଗୋରୁ ମାଲିକଙ୍କୁ କଡ଼ା ତାଗିଦ କରାଯାଉ ନ ଥିବା ଅଭିଯୋଗ ହେଉଛି। ଗୋରୁଙ୍କୁ ଗୁହାଳରେ ଖାଦ୍ୟ ଦେଇ ରଖିବା ବଦଳରେ ମୁଖ୍ୟରାସ୍ତାରେ ଛାଡ଼ି ଦିଆଯାଉଛି। ତେଣୁ ମାଲିକମାନଙ୍କୁ ତାଗିଦ କରିବା ସହ ଦୃଢ଼ ପଦକ୍ଷେପ ନେବାକୁ ଅଞ୍ଚଳର ବୁଦ୍ଧିଜୀବୀ ଦାବି କରିଛନ୍ତି।

# ମାଲକାନଗିରି ମହିଳାଙ୍କ କାର୍ଯ୍ୟରେ ଖୁସିହେଲେ ମୁଖ୍ୟମନ୍ତ୍ରୀ

## ମିଶନ ଶକ୍ତିର ସ୍ୱତନ୍ତ୍ର ବୈଠକ

ମାଲକାନଗିରି,୨୧।୯(ଡି.ଏନ.ଏ.)

ମିଶନ ଶକ୍ତି ସଚିବ ସୁଜାତା ଆର୍. କାର୍ତ୍ତିକେୟନଙ୍କ ନିର୍ଦ୍ଦେଶରେ ମାଲକାନଗିରି ଜିଲାର ସମସ୍ତ ମିଶନ ଶକ୍ତି ଦ୍ୱାରା ଲାଭବାନ ହୋଇଥିବା ଓ ଏଥିରେ ବିଭିନ୍ନ କାର୍ଯ୍ୟ କରୁଥିବା ମହିଳା ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ଆଲୋଚନା କରିଛନ୍ତି। ଆଜାଦୀ କା ଅମୃତ ମହୋତ୍ସବ ପାଳନ ଉପଲକ୍ଷେ ଏହି ଏସ୍‌ଏଚ୍‌ଜି ମହିଳାମାନଙ୍କୁ ତ୍ରିରଙ୍ଗା ପତାକା ତିଆରି କରିବାକୁ ଦାୟିତ୍ୱ ଦିଆଯାଇଥିଲା। ମହିଳାମାନେ ଏହି କାମକୁ ଅତି ସୁନ୍ଦର ଭାବେ କରିଥିଲେ। ନିକଟରେ ଭୁବନେଶ୍ୱର ଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମହିଳାମାନେ ନିଜ ସୁବିଧା ଅସୁବିଧା ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଛନ୍ତି। ଜାତୀୟ ପତାକା ପ୍ରସ୍ତୁତି ଏବଂ ଏହାର ବଣ୍ଟନ ସହ ଅର୍ଥନୈତିକ ସଶକ୍ତୀକରଣ କ୍ଷେତ୍ରରେ ମହିଳାଙ୍କ ସଫଳତା ବିଷୟରେ ଜାଣି ମୁଖ୍ୟମନ୍ତ୍ରୀ ଖୁସି ବ୍ୟକ୍ତ କରିଛନ୍ତି। ମାଲକାନଗିରି ଜିଲାର ମହିଳାଙ୍କ ଉତ୍ସର୍ଗୀକୃତ କାର୍ଯ୍ୟ ପାଇଁ ସେମାନଙ୍କୁ ସାଧୁବାଦ ଜଣାଇଛନ୍ତି। ଏଥିସହ ଜିଲାରୁ ଯାଇଥିବା ଏହି ମହିଳା ମାନେ ମିଶନ ଶକ୍ତି ଦାରା ଆୟୋଜିତ ବୈଠକରେ ଯୋଗଦେଇ ବିଭିନ୍ନ ବିଷୟରେ ଶିକ୍ଷା ଲାଭ କରିଛନ୍ତି।



ମୁଖ୍ୟମନ୍ତ୍ରୀଙ୍କ ସହ ମାଲକାନଗିରି ଜିଲାର ଏସ୍‌ଏଚ୍‌ଜି ମହିଳାମାନେ।

# ତଦନ୍ତ ବେଳେ ପୋଲିସକୁ ଆକ୍ରମଣ, ଥାନାରେ ମାମଲା

ଗୋପାଳପୁର,୨୧।୯(ଡି.ଏନ.ଏ.)

ଏକ ହତ୍ୟା ଉଦ୍ୟମ ମାମଲାର ତଦନ୍ତ କରିବାକୁ ଯାଇଥିବା ପୋଲିସ ଉପରକୁ ଆକ୍ରମଣ ହୋଇଥିବା ନେଇ ଗୋଳନ୍ଥରା ଥାନା ପୋଲିସ ମାମଲା ରୁଜୁ କରିଛି। ଗୋଳନ୍ଥରା ଥାନା ଅନ୍ତର୍ଗତ ସୋରଳ ଗ୍ରାମ ବାଦି ଛକ ନିକଟରେ ଜଣେ ବୃଦ୍ଧଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ନେଇ ଗୋଳନ୍ଥରା ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ପାଇଁ ମଙ୍ଗଳବାର ଏଏସଆଇ କେଶର ଚନ୍ଦ୍ର ମାଝି ଓ ଅନ୍ୟ କର୍ମଚାରୀ ଘଟଣାସ୍ଥଳକୁ ଯାଇଥିଲେ। ସେମାନଙ୍କୁ ଅଭିଯୁକ୍ତ ଦୁଇ ଭାଇ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ତଦନ୍ତରେ ବାଧା ଉପୁଜାଇଥିଲେ। ଏପରିକି ସେମାନେ ଏଏସଆଇ ମାଝିଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ସେ ଗୋଳନ୍ଥରା ଥାନାରେ ଅଭିଯୋଗ କରିଛନ୍ତି।

# ଚୌକିରେ ବୁହାହେଲେ ରୋଗୀ

## ଗାଁକୁ ପକ୍କାରାସ୍ତା ନାହିଁ

ଟିକିରି,୨୧।୯(ଡି.ଏନ୍.ଏ.)

ରାୟଗଡ଼ା ଜିଲା କାଶୀପୁର ବ୍ଲକର ଅନେକ ଗାଁକୁ ପକ୍କାରାସ୍ତା ଅପହଞ୍ଚ। ବାରମ୍ବାର ଭାରରେ ରୋଗୀ ଏବଂ ଗର୍ଭବତୀ ବୁହାହେଉଥିବା ଚିତ୍ର ଦୃଷ୍ଟିକୁ ଆସୁଛି। ବ୍ଲକ ଅଞ୍ଚଳରେ ଏଭଳି ଚିତ୍ର ପୁଣି ଦେଖିବାକୁ ମିଳିଛି। ଅଡାଜୋର ପଞ୍ଚାୟତ କୁଲିଆପଦର ଗ୍ରାମର କୁମାର ମାଝିଙ୍କ ସ୍ତ୍ରୀ ଚାନାଇ ମାଝି ଅସୁସ୍ଥ ହେବାରୁ ପରିବାର ଲୋକେ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। ରାସ୍ତା ଖରାପ ଯୋଗୁ ଆମ୍ବୁଲାନ୍ସ ଗାଁଠାରୁ କିଛି ଦୂରରେ ଅଟକି ରହିଥିଲା। ଫଳରେ ଗ୍ରାମବାସୀଙ୍କ ସହଯୋଗରେ ଚାନାଇଙ୍କୁ ଚୌକିରେ ବସାଇ ଭାରରେ ବୋହି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନିଆଯାଇଥିଲା। ସେଠାରୁ ତାଙ୍କୁ ଆମ୍ବୁଲାନ୍ସରେ ଡାକ୍ତରଖାନା ନିଆଯାଇଥିଲା। ଚାନାଇଙ୍କ ସ୍ୱାସ୍ଥ୍ୟାବସ୍ଥା ଏବେ ଭଲ ନ ଥିବା ଜଣାପଡ଼ିଛି।



ଚାନାଇଙ୍କୁ ପରିବାର ଲୋକେ ଓ ଗ୍ରାମବାସୀ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ବୋହି ନେଉଛନ୍ତି।

